# ଜିଲ୍ଲା ଗୃହରକ୍ଷୀ କାର୍ଯ୍ୟାଳୟ , ଯାଜପୁର , ପାଣିକୋଇଲି ।

ପତ୍ର ସଂଖ୍ୟା ୨୪୦ /ଗୃହରକ୍ଷୀ , ତା. ୨୧.୦୩.୨୦୨୫ ରିଖ ।

**ଯାଜପୁର ପୁଲିସ ଜିଲ୍ଲା ଗୃହରକ୍ଷୀ ସଂଗଠନରେ ଗୃହରକ୍ଷୀ ଭାବରେ ନିଯୁକ୍ତି ପାଇଁ ସୂଚନା ।**

ଯାଜପୁର ପୁଲିସ ଜିଲ୍ଲାର ଗୃହରକ୍ଷୀ ସଙ୍ଗଠନରେ ଗୃହରକ୍ଷୀ ଭାବରେ ନିଯୁକ୍ତି ପାଇଁ ଯାଜପୁର ପୁଲିସ ଜିଲ୍ଲାର ଆଗ୍ରହୀ ପ୍ରାର୍ଥୀଙ୍କ ଠାରୁ ନିର୍ଧାରିତ ଫର୍ମ (ଓଡିଶା ଗୃହରକ୍ଷୀ ନିୟମ ୧୯୬୨ ର Form- "A")ରେ ଦରଖାସ୍ତ ଆବେଦନ କରିବା ପାଇଁ ଆବାହନ କରାଯାଉଅଛି । ଇଚ୍ଛୁକ ପ୍ରାର୍ଥୀଙ୍କୁ ସମାଦେଷ୍ଟା ଗୃହରକ୍ଷୀ ବାହିନୀ, ଯାଜପୁରଙ୍କ ପାଣିକୋଇଲି ସ୍ଥିତ କାର୍ଯ୍ୟାଳୟ (RO) ଠାରେ କିଂବା ପ୍ରାର୍ଥୀ ନିଜର ପୁଲିସ ଥାନା ରେ ତା ୨୨-୦୩-୨୦୨୫ ରିଖ ଠାରୁ ତା ୨୧-୦୪-୨୦୨୫ ରିଖ ସୁଧା ଆବେଦନ ଫର୍ମ ଦାଖଲ କରିବାକୁ ପଡିବ । ନିଯୁକ୍ତି ପରୀକ୍ଷା କେଉଁଠାରେ ଏବଂ କେବେ ଅନୁଷ୍ଠିତ ହେବ ଏହା ଆବେଦନକାରିମାନେ ନିକଟସ୍ଥ ଥାନା, ଫାଣ୍ଡି ଏବଂ ସମଦେଷ୍ଟା ଗୃହରକ୍ଷୀ ବାହିନୀଙ୍କ କାର୍ଯ୍ୟାଳୟରୁ ବୁଝିପାରିବେ। କମ୍ପ୍ୟୁଟର ଜ୍ଞାନ, ଗାଡିଚାଳନା, ରୋଷେଇ ଜ୍ଞାନ, ବିଦ୍ୟୁତ ମିସ୍ତ୍ରୀ ଜ୍ଞାନ, ପାଇପ ମିସ୍ତ୍ରୀ ଜ୍ଞାନ ଓ ଅନ୍ୟାନ୍ୟ କ୍ଷେତ୍ରରେ ଦକ୍ଷତା ଜ୍ଞାନ ଥିବା ବ୍ୟକ୍ତି ମାନଙ୍କୁ ନିଯୁକ୍ତି କ୍ଷେତ୍ରରେ ଅଗ୍ରାଧିକାର ଦିଆଯିବ । ମୋଟ ଖାଲି ଥିବା ଗୃହରକ୍ଷୀ ପଦବୀ ସଂଖ୍ୟା ୬୨ । ଯଦି ଆବେଦନକାରୀଙ୍କ ସଂଖ୍ୟା ଉପଲବ୍ଧ ଖାଲି ପଦବୀଠାରୁ ଅଧିକ ହୁଏ, ତେବେ ଆବେଦନକାରୀଙ୍କୁ କିଛି ଚୟନ ପରୀକ୍ଷା / ସାକ୍ଷାତକାରର ସମ୍ମୁଖିନ ହେବାକୁ ପଡିବ । ହୋମଗାର୍ଡ ଚାକିରି ସ୍ଥାୟୀ ଚାକିରି ନୁହେଁ । ଏହା ଏକ ସ୍ୱେଚ୍ଛାକୃତ ସେବା ଏବଂ ୩ ବର୍ଷର କାର୍ଯ୍ୟକାଳ ପାଇଁ । ନିଯୁକ୍ତି ଶୃଙ୍ଖଳା, ବହିଷ୍କାର ଏବଂ ଅନ୍ୟାନ୍ୟ ନିୟମ ଏବଂ ସର୍ତାବଳି ଓଡିଶା ଗୃହରକ୍ଷୀ ଆଇନ ୧୯୬୧ ଏବଂ ଓଡିଶା ଗୃହରକ୍ଷୀ ନିୟମ ୧୯୬୨ ଏବଂ "Home Guards Circular Order No 01/2025 ଦ୍ୱାରା ନିୟନ୍ତ୍ରିତ ହେବ । ଆବେଦନ ଫର୍ମ ଗୁଡ଼ିକ ଏହି ଜିଲ୍ଲାର ସମସ୍ତ ଥାନା, ଫାଣ୍ଡି ଓ ସମଦେଷ୍ଟା ଗୃହରକ୍ଷୀ ବାହାନୀଙ୍କ କାର୍ଯ୍ୟାଳୟରେ ଉପଲବ୍ଧ ହେବ ।

**ଅ.ଯୋଗ୍ୟତା –**

୧. ଆବେଦନକାରୀ ଯାଜପୁର ଜିଲ୍ଲାର ସ୍ଥାୟୀ ବାସିନ୍ଦା ହୋଇଥିବା ଆବଶ୍ୟକ ।
୨. ଆବେଦନକାରୀ ଅତି କମରେ ପଞ୍ଚମ ଶ୍ରେଣୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବେ ।
୩. ଆବେଦନକାରୀ ଓଡିଆ ଭାଷା ପଢି, ଲେଖି ଏବଂ କହିପାରୁଥିବେ ।
୪. ଆବେଦନକାରୀ ସୁସ୍ଥ, ଭଲ ଶରୀର ଏବଂ ଶରୀର ଦୁର୍ବଳତା ମୁକ୍ତ ହୋଇଥିବା ଆବଶ୍ୟକ ।
୫. ଆବେଦନକାରୀଙ୍କ ବୟସ ୦୧. ୦୧. ୨୦୨୫ ସୁଦ୍ଧା ୨୦ ବର୍ଷରୁ କମ କିମ୍ବା ୬୦ ବର୍ଷରୁ ଉର୍ଦ୍ଧ ହୋଇନଥିବ ।
୬. ଆବେଦନକାରୀଙ୍କ ଚରିତ୍ର ଭଲ ହେବା ଉଚିତ ଏବଂ ତାଙ୍କ ବିରୁଦ୍ଧରେ କୌଣସି ଅପରାଧିକ ମାମଲା ବିଚାରାଧୀନ ନଥିବ

**ଆ. ଆବେଦନକାରୀଙ୍କ ଫର୍ମ ସହିତ ଏହି ସବୁ ପ୍ରମାଣ ପତ୍ର ସଂଲଗ୍ନ କରିବାକୁ ପଡିବ :-**

୧. ଆବାସିକ ପ୍ରମାଣପତ୍ର ।
୨. ବୟସ ଏବଂ ଶିକ୍ଷାଗତ ଯୋଗ୍ୟତାର ପ୍ରମାଣ ପତ୍ର ।
୩. ଚାରିଗୋଟି ପାସପୋର୍ଟ ଆକାରର ଫଟ ।
୪. ଦକ୍ଷତା ଅନୁଯାୟୀ ପ୍ରମାଣ ପତ୍ର ।
୫. ପରିଚୟ ପ୍ରମାଣ ପତ୍ର ସ୍ୱରୂପ (ଆଧାର କାର୍ଡ / ଭୋଟର କାର୍ଡ) ।
୬. ଯୋଗାଯୋଗ ନିମନ୍ତେ ମୋବାଇଲ ନମ୍ବର ।

(Signature)

ସମାଦେଷ୍ଟା ଗୃହରକ୍ଷୀ ବାହିନୀ,
ଯାଜପୁର .